# Akashvani, Sambalpur

## SAMBALPURI NEWS EVENING BULLETIN

## 5 April 2024- 7.02 pm- 7.12 pm.

*******************************************

୧- ମତଦାନ୍ ହାର ବଢ଼ାବାର୍ ଲାଗି ତ୍ରିସ୍ତରୀୟ ବ୍ୟବସ୍ଥା ଉପ୍‌ରେ ଜୋର୍ ଦେଲେ ଭାରତ୍‌ର ନିର୍ବାଚନ୍ କମିଶନ୍ ।

୨- ବିଜୁ ଜନତା ଦଲ୍ ତର୍‌ଫୁ ଆଏଜ୍ ଆଉ ୯ ଟା ବିଧାନ୍‌ସଭା ଆସନ୍ ଲାଗି ପ୍ରାର୍ଥୀ ଘୋଷ୍‌ନା କଲେ ଦଲର୍ ସଭାପତି ନବୀନ୍ ପଟ୍ଟନାୟକ୍ ।

୩- ଜବର୍ ଖରାକେ ନଜର୍‌ଥି ରଖିକରି ଶ୍ରମିକ୍ ମାନ୍‌କର୍ ଲାଗି ମାର୍ଗଦର୍ଶିକା ଜାରି କଲେ ଶ୍ରମ ଆଉ କର୍ମଚାରୀ ରାଜ୍ୟ ବୀମା ବିଭାଗ୍ ।

ଆଉର୍

୪- ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ରାଏଜେ ଆଏବାକାଏଲ୍‌ତକ୍ ଜାରି ରହେବା ଜବର୍ ଖରା ।

ନିର୍ବାଚନ୍ ଆୟୋଗ୍ ବୈଠକ୍ ଏନ୍ଏସ୍ଡି

ଦେଶର୍ ୨ ଶହ ୬୬ ଟା ଲୋକସଭା ନିର୍ବାଚନ୍ ମଣ୍ଡଲୀ ନ ଗଲା ୨୦୧୯ ନିର୍ବାଚନ୍ଥି ମତଦାନ୍ ହାର କମ୍ ଥିବାର୍ନୁ ଭାରତ୍ର ନିର୍ବାଚନ୍ କମିଶନ୍ ସେ ନିର୍ବାଚନ୍ ମଣ୍ଡଲୀମାନ୍କେ ମତଦାନ୍ ହାର ବଢ଼ାବାର୍ ଲାଗି ପଦକ୍ଷେପ୍ ନେଇଛନ୍ । ମୁଖ୍ୟ ନିର୍ବାଚନ୍ ଆୟୁକ୍ତ ରାଜୀବ୍ କୁମାର୍ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ନୂଆଦିଲ୍ଲୀ ନ ହେଇଥିବା ବୈଠକ୍ଥି ଇ ବାବ୍ଦେ ଭୋଟ୍ ହାର କମ୍ ଥିବା ଜାଗାମାନ୍କର୍ ଜିଲ୍ଲାପାଲ୍ ଆଉ ମ୍ୟୁନିସିପାଲ୍ଟି କମିଶନର୍ଙ୍କର୍ ସହଯୋଗ୍ ନିଆଯାଇଛେ । ସୂଚ୍ନା ଅନ୍ସାରେ ଗଲା ସାଧାରଣ ନିର୍ବାଚନ୍ଥି ୨ ଶହ ୬୬ ଟା ଲୋକ୍ସଭା ନିର୍ବାଚନ୍ ମଣ୍ଡଲୀର୍ ୨ ଶହ ୧୫ ଟା ଗାଁଗହଲ୍ ଇଲାକା ଆର୍ ୫୧ ଟା ସହରାଂଚଲ୍ ନ ଭୋଟ୍ ହାର ୬୭ ପ୍ରତିଶତ୍ ନୁ କମ୍ ଥିଲା । ବୈଠକ୍ନୁ ମିଳିଥିବା ସୂଚ୍ନା ଅନ୍ସାରେ ଭୋଟ୍ ହାର ବଢ଼ାବାର୍ ଲାଗି ନିର୍ବାଚନ୍ କମିଶନ୍ଙ୍କର୍ ତର୍ଫୁ ୩ ଟା ରଣନୀତି ପ୍ରସ୍ତୁତ୍ କରାଯାଇଛେ । ଭୋଟ୍ ଦେବାର୍କେ ଆସୁଥିବା ଲୋକ୍ମାନ୍କର୍ ଲାଗି ଶୃଙ୍ଖଲିତ୍ ଭାବେ ଧାଡ଼ିଥି ଠିଆ ହେବାର୍ ଉପ୍ରେ କମିଶନ୍ ଜୋର୍ ଦେଇଛନ୍ । ଇତାର୍ସହେତେ ଛୋଟ୍ ଆଉ ଗହଲି ଇଲାକାମାନ୍କେ ସାଇକଲ୍, ଗାଡ଼ିମଟର୍ ରଖିବାର୍ ଲାଗି ବ୍ୟବସ୍ଥା ଆର୍ ଭୋଟର୍ମାନ୍କୁ ସଚେତନ୍ କର୍ବାର୍ ଲାଗି

ସେ ଇଲାକାର୍ କଲାକାର୍ ଆର୍ ନାଁକରା ଲୁକ୍‌କୁ ସାମିଲ୍ କର୍‌ବାର୍ ଉପ୍‌ରେ କମିଶନ୍ ଗୁରୁତ୍ୱ ଦେଇଛନ୍ ।
ବୈଠକ୍‌ନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଗଲା ୨୦୧୯ ଲୋକ୍‌ସଭା ନିର୍ବାଚନ୍‌ଥି ଦେଶେ ପାଖାପାଖି ୨୯ କୋଟି ୭୦ ଲାଖ୍ ଭୋଟର୍ ଭିନ୍ ଭିନ୍ ଛୋଟ୍ କାରଣ୍‌ନୁ ମତଦାନ୍ ନାଇଁ କରିଥିବାର୍ କମିଶନ୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ବିଜେଡ଼ି ପ୍ରାର୍ଥୀ ତାଲିକା ଘୋଷ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଜୁ ଜନତା ଦଲ୍ ଆଏଜ୍ ୩ ନମ୍ବର୍ ଖେପେ ୯ ଟା ବିଧାନ୍‌ସଭା ଆସନ୍ ଲାଗି ପ୍ରାର୍ଥୀ ମାନ୍‌କର୍ ନାଁ ଘୋଷ୍‌ନା କରିଛେ । ବିଜେଡ଼ି ସଭାପତି ଆଉ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କହିଛନ୍ ଯେ, ରେଙ୍ଗାଲି ବିଧାନ୍‌ସଭା ଆସନ୍‌ନୁ ସୁଦର୍ଶନ୍ ହରିପାଲ୍, ରାଉର୍‌କେଲା ନୁ ଶାରଦା ପ୍ରସାଦ୍ ନାଏକ୍, ବୀରମିତ୍ରପୁର ନୁ ରୋହିତ୍ ଯୋଶେଫ୍ ତିର୍କି, ରାଇରଙ୍ଗ୍‌ପୁର୍ ନୁ ରାଇସିଂ ମୁର୍ମୁ, ବାଲେଶ୍ୱର୍ ନୁ ସ୍ୱରୂପ୍ କୁମାର୍ ଦାସ, ବାରବାଟୀ କଟକ୍ ଆସନ୍‌ନୁ ପ୍ରକାଶ୍ ଚନ୍ଦ୍ର ବେହେରାଙ୍କୁ ଦଲ୍ ତର୍‌ଫୁ ପ୍ରାର୍ଥୀ କରାଯାଇଛେ । ଦଲ୍ ତର୍‌ଫୁ ଘୋଷ୍‌ନା କରାଯାଇଥିବା ଉନିଆଁ ପ୍ରାର୍ଥୀମାନ୍‌କର୍ ଭିତ୍‌ରେ କେନ୍ଦୁଝର୍ ନୁ ମୀନା ମାଝୀ, ଭୁବ୍‌ନେଶ୍ୱର୍ ଜୟଦେବ୍

ଆସନ୍‌ନୁ ନବକିଶୋର୍ ମଲ୍ଲିକ୍ ଆଉ ସାଲେପୁର୍ ନୁ ପ୍ରଶାନ୍ତ ବେହେରା ରହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ବିଜୁ ଜନତା ଦଲ୍ ତର୍‌ଫୁ ୨୧ ଟା ଲୋକ୍‌ସଭା ଆସନ୍ ଭିତ୍‌ରୁ ବାଲେଶ୍ୱର୍ ଆସନ୍‌କେ ଛାଡ଼ିଦେଲେ ବାକି ସବୁ ଆସନ୍ ଲାଗି ପ୍ରାର୍ଥୀ ଘୋଷ୍‌ନା କରାଯାଇସାରିଛେ । ସେନ୍ତା ପହେଲା ଖେପେ ୭୨ ଟା ବିଧାନ୍‌ସଭା ଆସନ୍ ଆର୍ ତାର୍ ଉତ୍‌ରୁ ୨୭ ଟା ବିଧାନ୍‌ସଭା ଆସନ୍ ଲାଗି ପ୍ରାର୍ଥୀମାନ୍‌କର୍ ନାଁ ଦଲର୍ ସଭାପତି ଶ୍ରୀ ପଟ୍ଟନାୟକ୍ ଘୋଷ୍‌ନା କରିଥିଲେ । ଦଲ୍ ତର୍‌ଫୁ ଆଉ ୩୯ ଟା ବିଧାନ୍‌ସଭା ଆସନ୍ ଥି ପ୍ରାର୍ଥୀ ଘୋଷ୍‌ନା ବହୁତ୍ ଜଲ୍‌ଦି କରାଯିବା ବଲି କୁହାଯାଇଛେ ।

ରାଜ୍ୟ ମୁଖ୍ୟନିର୍ବାଚନ ଅଧିକାରୀ- ବର୍‌ଗଡ଼/ବର୍‌ଗଡ଼୍ ସମ୍ବାଦଦାତା

ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ବର୍‌ଗଡ଼୍ ଜିଲ୍ଲାର୍ ପଦମ୍‌ପୁର୍, ବିଜେପୁର୍, ବର୍‌ଗଡ଼୍, ଅତାବିରା, ଭଟ୍‌ଲି ବିଧାନ୍‌ସଭା ଆର୍ ବର୍‌ଗଡ଼୍ ସଂସଦୀୟ କ୍ଷେତ୍ର ଗସ୍ତ କରିକରି ନିର୍ବାଚନ୍ ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା କରିଛନ୍ । ପଂଚାୟତ୍ କଲେଜ୍ ନ ଥିବା ଭୋଟ୍‌ଗନ୍‌ତି କେନ୍ଦ୍ର ବୁଲି ଦେଖିବାର୍ ସହେତେ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲା ନିର୍ବାଚନ୍ ଅଧିକାରୀ ଆଉ ଜିଲ୍ଲାପାଲ୍, ଆରକ୍ଷୀ

ଅଧିକ୍ଷକ, ଆଉ ସବୁ ରିଟର୍ଣ୍ଣିଂ ଅଧିକାରୀମାନ୍‌କର୍ ସହେତେ ଜିଲ୍ଲା ନୋଡ଼ାଲ୍ ଅଧିକାରୀ ମାନ୍‌କର୍ ସାଙ୍ଗେ ନିର୍ବାଚନ୍ ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା କରିଥିଲେ । ନିର୍ବାଚନ୍ ସମିଆଥି ଜିରୋ କାଜୁଆଲ୍‌ଟି ଲାଗି ମତଦାନ୍ କେନ୍ଦ୍ରମାନ୍‌କେ ପିଇବାର୍ ପାଏନ୍, ଛଏଁରା, ଦିବ୍ୟାଙ୍ଗ ଆଉ ସିଆନ୍ ଭୋଟର୍‌ମାନ୍‌କର୍ ଲାଗି ହ୍ୱିଲ୍‌ଚେୟାର୍ ଆର୍ ଭୋଟର୍ ସହାୟତା କେନ୍ଦ୍ର ଖୁଲ୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ ।

ରିଜର୍ଭ ବେଙ୍କ୍ ମୁଦ୍ରାନୀତି        ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ରିଜର୍ଭ ବେଙ୍କ୍ ଲଗାତାର୍ ୭ ନମ୍ବର୍ ଥର୍ ଲାଗି ରେପୋରେଟ୍ ନାଇଁ ବଦ୍‌ଲେଇ । ରିଜର୍ଭ ବେଙ୍କ୍ ଗଭର୍ଣ୍ଣର୍ ଶକ୍ତିକାନ୍ତ ଦାସ ଆଏଜ୍ ମୁଦ୍ରାନୀତି ସମୀକ୍ଷା କର୍‌ବାର୍ ଅବ୍‌ସରେ ରେପୋରେଟ୍‌କେ ୬ ଦଶ୍‌ମିକ୍ ୫ ପ୍ରତିଶତ୍ ରଖାଯାଇଛେ ବଲି କହିଛନ୍ । ଚଲ୍‌ତି ଆର୍ଥିକ୍ ବଛ୍‌ରେ ଜିଡିପି ହାର ୭ ପ୍ରତିଶତ୍ ରହିଥିବାର୍ ବେଲେ ମୁଦ୍ରାସ୍ଫିତି ୪ ଦଶ୍‌ମିକ୍ ୫ ପ୍ରତିଶତ୍ ରହେବା ବଲି ଶ୍ରୀ ଦାସ କହିଛନ୍ । ସେ ଆହୁରି କହିଛନ୍ ଯେ, ଗଲା ମାର୍ଚ୍ଚ ୨୯ ତାରିଖ୍‌ତକ୍ ବୈଦେଶିକ ମୁଦ୍ରା ଭଣ୍ଡାର୍ ସର୍ବକାଳୀନ ସର୍ବୋଚ୍ଚ ସ୍ତର୍ ୬ ଶହ ୪୫ ଦଶ୍‌ମିକ୍ ୬ ବିଲିୟନ୍ ଡଲାର୍‌ଥି ପୁହୁଁଚିଛେ ।

କଟକ୍ ଡିସିପି - ପ୍ରକାଶ୍ ଆର୍        ଆର୍‌ଏନ୍‌ୟୁ/ କଟକ୍

ରାଏଜେ ୨ ଝନ୍ ଏସ୍.ପି. ଆଉ ଝନେ ଡି.ସି.ପି.ଙ୍କୁ ନିର୍ବାଚନ୍ କମିଶନ୍ ନିଯୁକ୍ତି ଦେଇଛନ୍ । ଆଇ.ପି.ଏସ୍. ଅଧିକାରୀ ପ୍ରକାଶ୍ ଆର୍.ଙ୍କୁ କଟକ୍ର ନୂଆଁ ଡିସିପି ଭାବେ ନିଯୁକ୍ତି କରାଯାଇଛେ । ସେନ୍ତା ବ୍ରିଜେଶ୍ ରାୟଙ୍କୁ ରାଉର୍କେଲା ଆର୍ ଡକ୍ଟର୍ ଉମାଶଙ୍କର୍ ଦାସ୍ଙ୍କୁ ଅନୁଗୁଲ୍ ଏସ୍.ପି. ଭାବେ ଦାୟିତ୍ୱ ଦିଆଯାଇଛେ । ଇ ବାବ୍ଦେ କମିଶନ୍ଙ୍କର୍ କାର୍ଯ୍ୟାଳୟ ତର୍ଫୁ ରାଜ୍ୟ ମୁଖ୍ୟ ଶାସନ୍ ସଚିବଙ୍କୁ ସୂଚ୍ନା ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ୨ ତାରିଖ୍ ରାଜ୍ୟର୍ ୨ ଝନ୍ ଜିଲ୍ଲାପାଲ୍ ଆଉ ୫ ଝନ୍ ଏସ୍.ପି. ଆଉ ଝନେ ଆଇ.ଜି.ଙ୍କୁ ନିର୍ବାଚନ୍ ଦାୟିତ୍ୱନୁ ତୁର୍ତି ହଟାବାର୍ ଲାଗି ନିର୍ବାଚନ୍ ଆୟୋଗ୍ ନିର୍ଦ୍ଦେଶ୍ ଦେଇଥିଲେ ।

ଶ୍ରମ ଆଉ କର୍ମଚାରୀ ରାଜ୍ୟ ବୀମା ବିଭାଗ

ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ଜବର୍ ଖରା ହେଉଥିବାରନୁ ଏପ୍ରିଲ, ମେ ଆର ଜୁନ - ତିନ୍ ମାସ୍ ଲାଗି ରାଜ୍ୟ ଶ୍ରମ ଆଉ କର୍ମଚାରୀ ରାଜ୍ୟ ବୀମା ବିଭାଗ୍ ତରଫୁ ଶ୍ରମିକ ମାନ୍କର୍ କାମ୍ କରବାର୍ ସମିଆ ବାବଦେ ନିର୍ଦ୍ଦେଶ୍ନାମା ଜାରି କରାଯାଇଛେ । ଚଲତି ଏପ୍ରିଲ ମାସୁ ଜୁନ୍ ମାସର୍ ୧୫ ତାରିଖ୍ତକ୍ ଦିନର୍ ୧୧

ବଜେନୁ ଉପରବେଲା ସାଢ଼େ ୩ ବଜେତକ୍ ଶ୍ରମିକମାନକୁ କାମେ ନାଇଁ ଲଗାବାର୍ ଲାଗି ରାଜସ୍ୱ କମିଶନର୍, ଜିଲ୍ଲାପାଲ୍ ମାନ୍କୁ ଆଉ ରାଜ୍ୟ ଶ୍ରମ କମିଶନର୍ଙ୍କୁ ବିଭାଗ୍ ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ନିର୍ଦ୍ଦେଶ୍ନାମା ରାଜ୍ୟ ଆଉ କେନ୍ଦ୍ର ସର୍କାର୍ଙ୍କର୍ ସବୁ ବିଭାଗ୍ଥି କାର୍ଯ୍ୟକାରୀ କରାଯିବା । ଇତାର୍ଛଡ଼ା ଘରୋଇ ନିଯୁକ୍ତିଦାତା, ବାଣିଜ୍ୟ ଆଉ ଶିଳ୍ପସଂସ୍ଥା, ଦୁକାନ୍- ବଜାର୍ ଆଉ ବ୍ୟବସାୟିକ ପ୍ରତିଷ୍ଠାନ୍ର ମାଲିକ୍ ଆଉ ଠିକାଦାର୍ମାନ୍କୁ ସର୍କାର୍ଙ୍କର୍ ଇ ନିଷ୍ପତି ମାନ୍ବାର୍ ଲାଗି କୁହାଯାଇଛେ ।

ଖଡ଼ିଆଲ ନିର୍ବାଚନ୍ ମଣ୍ଡଳୀ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ ନିର୍ବାଚନ୍ ମଣ୍ଡଳୀ ନ ନିର୍ବାଚନ୍ ପ୍ରସ୍ତୁତି ବାବ୍ଦେ ଗୁଟେ ବୈଠକ୍ ହେଇଯାଇଛେ । ଖଡ଼ିଆଲ୍ ନିର୍ବାଚନ୍ ମଣ୍ଡଳୀ ନ ୧୨ ଟା ସଖୀ ବୁଥ୍ ରହିଥିବାର୍ ବେଳେ ଇ ବୁଥ୍ ମାନ୍କେ ମହିଳା ଅଧିକାରୀ ଆର୍ କର୍ମଚାରୀମାନେ ନିୟୋଜିତ ହେଇକରି ମତଦାନ୍ ପ୍ରକ୍ରିୟା ପରିଚାଳନା କର୍ବେ । ଖଡ଼ିଆଲ୍ ବିଡ଼ିଓ ସଖୀ ବୁଥ୍ ବୁଲି ଦେଖିବାର୍ ସହେତେ ଜବର୍ ଖରାକେ ନଜର୍ଥି ରଖିକରି ମାର୍ଗଦର୍ଶିକା ଅନ୍ସାରେ ବ୍ୟବସ୍ଥା କର୍ବାର୍ ଉପ୍ରେ ଜୋର୍ ଦେଇଥିଲେ ।

ଭୋଟର୍ ସଚେତନତା- ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଭୋଟର୍‌ମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଗୁଟେ ସଚେତନତା ଶୋଭାଯାତ୍ରା ହେଇଯାଇଛେ । ଉପଜିଲ୍ଲାପାଲ୍ ଆଉ ବୌଦ୍ଧ ନିର୍ବାଚନ୍ ମଣ୍ଡଲୀ ରିଟର୍ଣ୍ଣିଂ ଅଫିସର୍ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଉପସ୍ଥିତ୍ ଭୋଟର୍‌ମାନ୍‌କୁ ମତଦାନ୍ କର୍‌ବାର୍ ଲାଗି ପରାମର୍ଶ ଦେଇଥିଲେ ।

ଗଙ୍ଗାଧର୍ ମେହେର୍ ଶ୍ରାଦ୍ଧବାର୍ଷିକୀ ସମ୍ବଲପୁର୍ ସମ୍ବାଦଦାତା

ସ୍ୱଭାବ କବି ଗଙ୍ଗାଧର୍ ମେହେର୍‌ଙ୍କର୍ ଶହେ ନମ୍ବର୍ ଶ୍ରାଦ୍ଧବାର୍ଷିକୀ ଅବ୍‌ସରେ ସମ୍ବଲ୍‌ପୁର୍‌ର ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ନ ଚାଲିଥିବା ୩ ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ର ଆଏଜ୍ ଦୁଇ ନମ୍ବର୍ ଦିନେ 'ଭାବ ସମ୍ପର୍କ: ଗଙ୍ଗାଧର ଓ ବ୍ରଜମୋହନ' ବିଷେଥି ଆଲୋଚନାଚକ୍ର ହେଇଯାଇଛେ । ଆଲୋଚକ ଭାବେ ଡକ୍ଟର୍ ଗୌରୀଦାସ ପ୍ରଧାନ୍‌ଙ୍କର୍ ସହେତେ ଡକ୍ଟର୍ ଜ୍ଞାନୀ ଦେବାଶିଷ୍ ମିଶ୍ର ଆର୍ ପଦ୍ମଲୋଚନ ପଣ୍ଡା ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ 'ଗଙ୍ଗାଧର ପତ୍ରାବଳୀ' ବହି ଉନ୍ମୋଚନ୍ କରାଯାଇଥିଲା ।

ଯକ୍ଷ୍ମା- ଟୀକାକରଣ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ନୁ ମିଳିଥିବା ସୂଚ୍ନା ଅନ୍ସାରେ ୧୮ ବଛର୍ନୁ ଅଏଟ୍କା ବୟସର୍ ଲୁକ୍କୁ ଯକ୍ଷ୍ମାରୋଗର୍ ଉପଚାର୍ ଲାଗି ବିସିଜି ଟୀକା ଦିଆଯିବା । ଆଘୋନୁ ଛୋଟ୍ ଛୁଆମାନ୍କୁ ଯକ୍ଷ୍ମା ନିରାକରଣ୍ ଅଭିଯାନ୍ଥି ବିସିଜି ଟୀକା ଦିଆଯାଉଛେ । ଏଛେନ୍ ପରୀକ୍ଷାମୂଳକ୍ ଭାବେ ପର୍ଶ୍ଚିମ ଓଡ଼ିଶାର୍ ବଲାଙ୍ଗିର୍, ବୌଦ୍ଧ, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ଼୍ ସହେତେ ରାଜ୍ୟର ୧୫ ଟା ଜିଲ୍ଲା ନ  ପହେଲାକରି ବିସିଜି ଟୀକା ଦିଆଯିବା । ଇଥିର୍ଲାଗି ସ୍ୱାସ୍ଥ୍ୟକର୍ମୀମାନ୍କୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ତର୍ଫୁ ତାଲିମ୍ ଦିଆଯାଉଛେ । ଇ ଟୀକାକରଣ୍ ସଫଲ୍ ହେଲେ ବାକି ୧୫ ଟା ଜିଲ୍ଲା ନ ଟୀକାକରଣ୍ କରାଯିବା ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ସୂଚ୍ନା ମିଲିଛେ ।

ପାଏନ୍ ଛତର୍        ଆର୍ଏନ୍ୟୁ/ କଟକ୍

ଜବର୍ ଖରାର୍ ମୁକାବିଲା ଦିଗେ ରାଜ୍ୟ ସର୍କାର୍ ଭିନ୍ ଭିନ୍ ପଦକ୍ଷେପ୍ ନେଇଛନ୍ । ଗହଲି ଜାଗାମାନ୍କେ ପାଏନ୍ ଛତର୍ ଖୁଲ୍ବାର୍ ଲାଗି ପଦକ୍ଷେପ୍ ନେବାର୍କେ ଅତିରିକ୍ତ ରିଲିଫ୍ କମିଶନର୍ ପଦ୍ମନାଭ ବେହେରା ରାଜ୍ୟର୍ ୫ ଟା ମହାନଗର୍ ନିଗମ୍ କମିଶନର୍ଙ୍କୁ ଚିଠି ଲେଖିଛନ୍ । ଇଥିର୍ଲାଗି ସ୍ୱତନ୍ତ୍ର

ରିଲିଫ୍ କମିଶନର୍- ଏସ୍ଆର୍ସିଙ୍କର୍ କାର୍ଯ୍ୟାଳୟ ତର୍ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ଖରା ଜାରି ରହିଛେ । ପାଣିପାଗ୍ ବିଭାଗ୍ର ସୂଚ୍ନା ଅନ୍ସାରେ ଆଏବା କାଏଲ୍ତକ୍ ରାଜ୍ୟର୍ ବଡ଼ଭାଗୀ ଇଲାକା ନ ଜବର୍ ଖରା ଜାରି ରହେବା । ଜବର୍ ଖରାକେ ନଜର୍ଥି ରଖିକରି ବୌଦ୍ଧ, ବଲାଙ୍ଗିର୍ ଆର୍ ଝାର୍ସୁଗୁଡ଼ା ସହେତେ ୧୪ ଟା ଜିଲ୍ଲାକେ ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ରାଜ୍ୟର୍ ୯ ଟା ଜାଗା ନ ତାପମାତ୍ରା ଆଏଜ୍ ଦୁଇପହର୍ତକ୍ ୪୨ ଡିଗ୍ରୀ ସେଲ୍ସିଅସ୍ ପାର୍ କରିଥିଲା । ରାଜ୍ୟର୍ ସବୁନୁ ଜହ ତାପମାତ୍ରା ଆଏଜ୍ ଭୁବ୍ନେଶ୍ୱର୍ ନ ୪୩ ଦଶ୍ମିକ୍ ୫ ଡିଗ୍ରୀ ସେଲ୍ସିଅସ୍ ଥିବାର୍ ବେଲେ ପଶ୍ଚିମ ଓଡ଼ିଶାର୍ ବୌଦ୍ଧ ନ ସବୁନୁ ଜହ ତାପମାତ୍ରା ୪୨ ଦଶ୍ମିକ୍ ୨ ଡିଗ୍ରୀ ସେଲ୍ସିଅସ୍ ରହିଥିଲା । ସୋନ୍ପୁର୍କେ ଛାଡ଼ିକରି ପଶ୍ଚିମ ଓଡ଼ିଶାର୍ ସବୁ ଜାଗାର୍ ତାପମାତ୍ରା ୪୦ ଡିଗ୍ରୀନୁ ଜହ ଥିଲା ।

ସିବିଏସ୍ଇ ବହି ଆର୍ଏନ୍ୟୁ/ କଟକ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ୍- ସିବିଏସ୍ଇ ଚଲ୍ତି ଶିକ୍ଷାବଛ୍ରର୍ ୩ ଆଉ ୬ କ୍ଲାସ୍ର ପଢ଼ା ବହି - ଆଏବା ୧୫ ତାରିଖ୍ତକ୍ ମିଲିପାର୍ବା ବଲି ଏନ୍.ସି.ଇ.ଆଇ.ଆର୍.ସି ତର୍ଫୁ କୁହାଯାଇଛେ । ୩ ଆଉ ୬ କ୍ଲାସ୍ର ବହି ବଦ୍ଲାଯାଇଥିବାର୍ନୁ ନୂଆଦିଲ୍ଲୀ ନ ବହିଛପା ଆଉ ଯୁଗେଇ ଦେବାର୍ଥି ଡେରି ହେଉଛେ । ଏନ୍.ସି.ଇ.ଆର୍.ଟି ର ସୂଚ୍ନା ଅନ୍ସାରେ ସବୁ ବହିମାନ୍କୁ ଡିଜିଟାଲାଇଜେସନ୍ କରାଯାଇଛେ । ଶିକ୍ଷାର୍ଥୀମାନେ ବହି ପି.ଏମ୍.ଇ. ବିଦ୍ୟା ଆର୍ ନେସ୍ନାଲ୍ ଡିଜିଟାଲ୍ ଲାଇବ୍ରେରୀ ନୁ ଡାଉନ୍ଲୋଡ୍ କରିପାର୍ବେ ବଲି ଏନ୍.ସି.ଇ.ଆର୍.ଟି କହିଛେ ।

ସେନ୍ତା ସିବିଏସ୍ଇ ପରିଚାଲିତ ୧୧ ଆଉ ୧୨ କ୍ଲାସ୍ର ପରୀକ୍ଷା ଢାଂଚା ବଦ୍ଲାଯିବା । ୨୦୨୪-୨୫ ଶିକ୍ଷା ବଛର୍ନୁ ଇଟା ଲାଗୁ କରାଯିବା ବଲି ବୋର୍ଡ୍ ତର୍ଫୁ କୁହାଯାଇଛେ । ପରୀକ୍ଷାଥି ବାସ୍ତବ୍ ଜୀବନ୍ର କଥାକେ ନେଇକରି ପ୍ରଶ୍ନ ଆସ୍ବା, ଯେନ୍ଟା ଛାତ୍ରଛାତ୍ରୀମାନ୍କର୍ ବୌଦ୍ଧିକ ବିକାଶ୍ଥି ସାହାଜ୍ କର୍ବା । ଏନ୍ତାକି ଆଗ୍କେ ପ୍ରତିଯୋଗିତାମୂଲକ୍ ପରୀକ୍ଷା ବାଗିର୍ ପ୍ରଶ୍ନ ଭିଲ୍ ସାମିଲ୍ କରାଯିବା । ଇଟା ଜାତୀୟ ଶିକ୍ଷାନୀତି -୨୦୨୦ ଅନ୍ସାରେ କରାଯିବା ବଲି ବୋର୍ଡ୍ ତର୍ଫୁ କୁହାଯାଇଛେ ।